# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 January – 2026**

*********************************

## ମୁଖ୍ୟ ସମ୍ବାଦ

- ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ୯୫ କୋଟି ଭାରତୀୟ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ପାଉଛନ୍ତି; କହିଲେ ରାଷ୍ଟ୍ରପତି
- ରାଜ୍ୟରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ସହ ଏକ ସୁଦୃଢ଼ ଶିଳ୍ପ ପରିବେଶ ସୃଷ୍ଟି ପାଇଁ ସରକାର ସଂକଳ୍ପବଦ୍ଧ
- – ରାଉରକେଲାଠାରେ ୮ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ୨୦ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- 'ସୁରକ୍ଷିତ ତଟ, ସମୃଦ୍ଧ ଭାରତ'ର ବାର୍ତ୍ତା ନେଇ ଆଜିଠାରୁ ଆରମ୍ଭ ହେଲା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ଦ୍ୱିତୀୟ ସଂସ୍କରଣ ବନ୍ଦେ ମାତରମ୍ କୋଷ୍ଟାଲ ସାଇକ୍ଲୋଥନ୍
- ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ପାଇଁ ଆଜିଠାରୁ ଆରମ୍ଭ ହେଲା ଅନଲାଇନ୍ ପଞ୍ଜୀକରଣ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକ ଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

Desk

# ପ୍ରେସିଡେଣ୍ଟ-ଆଡ୍ରେସ୍

ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ପ୍ରତିରକ୍ଷା ବାହିନୀର ଅଦମ୍ୟ ସାହସ ଓ ଶକ୍ତିକୁ ସମଗ୍ର ବିଶ୍ୱ ଦେଖିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସଂସଦର ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଉଭୟ ଗୃହର ମିଳିତ ବୈଠକକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଲାଗି ମିଶନ୍ ସୁଦର୍ଶନ ଚକ୍ର କାର୍ଯ୍ୟକାରୀ କରାଯିବ । ୨୦୨୫ ମସିହାରେ ଭାରତର ପ୍ରତିରକ୍ଷା ଉତ୍ପାଦନ ଦେଢ଼ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ପ୍ରତିରକ୍ଷା ରପ୍ତାନୀ ପରିମାଣ ରେକର୍ଡ଼ ମୂଲ୍ୟ ୨୩ ହଜାର କୋଟି ଟଙ୍କା ଅତିକ୍ରମ କରିଛି ।

ରାଷ୍ଟ୍ରପତି କହିଛନ୍ତି, ୨୦୧୪ ମସିହାର ପ୍ରାରମ୍ଭରେ ସାମାଜିକ ସୁରକ୍ଷା ଯୋଜନା ଦେଶର ୨୫ କୋଟି ନାଗରିକଙ୍କ ନିକଟରେ ପହଞ୍ଚି ପାରୁଥିବା ବେଳେ ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ବର୍ତ୍ତମାନ ଏହାର ସୁଫଳ ପ୍ରାୟ ୯୫ କୋଟି ଭାରତୀୟ ପାଇପାରୁଛନ୍ତି । ସବ୍ କା ସାଥ୍ ସବ୍ କା ବିକାଶର ଦୃଷ୍ଟିକୋଣ ମାଧ୍ୟମରେ ଦେଶ ବ୍ୟାପି ସମସ୍ତ ନାଗରୀକଙ୍କର ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ଦେଶର ଯୁବବର୍ଗ, କୃଷକ, ଶ୍ରମିକ, ଉଦ୍ୟୋଗୀ ନିରନ୍ତର

ଭାବେ ବିକଶିତ ଭାରତ ଗଠନ ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିଥିବାରୁ ରାଷ୍ଟ୍ରପତି ସନ୍ତୋଷ ବ୍ୟକ୍ତ କରିଛନ୍ତି ।

ସରକାରଙ୍କ ନୀତି ଅନୁଯାୟୀ ମାଓବାଦୀଙ୍କ ବିରୁଦ୍ଧରେ ସୁରକ୍ଷା ବାହିନୀ ପକ୍ଷରୁ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଉଛି । ପୂର୍ବରୁ ଦେଶର ମାଓ ପ୍ରଭାବିତ ୧୨୬ଟି ଜିଲ୍ଲାରେ ଭୟ, ଅସୁରକ୍ଷିତ ଓ ଅବିଶ୍ୱାସର ପରିବେଶ ଥିବା ବେଳେ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କର ଏହା ବିପକ୍ଷରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହି ଜିଲ୍ଲା ସଂଖ୍ୟା ବର୍ତ୍ତମାନ ୮କୁ ହ୍ରାସ ପାଇଛି ।

Desk

## ମୁଖ୍ୟମନ୍ତ୍ରୀ– ରାଉରକେଲା ଗସ୍ତ

ରାଜ୍ୟରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ସହ ଏକ ସୁଦୃଢ଼ ଶିଳ୍ପ ପରିବେଶ ସୃଷ୍ଟି କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି। ରାଉରକେଲାଠାରେ ଏଣ୍ଟର ପ୍ରାଇଜ୍ ଓଡ଼ିଶାର ରଜତ ଜୟନ୍ତୀ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟର କୋଣ ଅନୁକୋଣରେ ଏକ ଅନ୍ତର୍ଭୁକ୍ତୀକରଣ ଶିଳ୍ପ ଅଭିବୃଦ୍ଧି ସୁନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ୮ ହଜାର ୮୮୪ କୋଟି ଟଙ୍କା ମୂଲ୍ୟର ୨୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଯାଇଛି। ଏହାଦ୍ୱାରା ୬ ହଜାର ୮୩୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ୨୨ଟି ବୁଝାମଣାପତ୍ର ସ୍ୱାକ୍ଷର ସହ

୫ଟି ନିବେଶ ପ୍ରସ୍ତାବରେ ୫୨ ହଜାର ୨୬ କୋଟି ଟଙ୍କାର ନିବେଶ ଲକ୍ଷ୍ୟ ରଖାଯାଇଛି। ଖୁବ୍‌ଶୀଘ୍ର ରାଉରକେଲା ବିମାନ ବନ୍ଦର ଓ ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ କରାଯିବ। ଏ ନେଇ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ବିମାନ ବନ୍ଦରକୁ କାଟାଗୋରୀ-ସି'କୁ ବୃଦ୍ଧି କରିବାକୁ ସରକାର ଯୋଜନା ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟକୁ ଦେଶର ଶିଳ୍ପ ହବ୍ ଭାବେ ଗଢ଼ି ତୋଳିବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

Desk

## କୋଷ୍ଟାଲ ସାଇକ୍ଲୋଥନ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ– ସି.ଆଇ.ଏସ୍.ଏଫ୍. ପକ୍ଷରୁ ଦ୍ୱିତୀୟ ସଂସ୍କରଣ 'ବନ୍ଦେ ମାତରମ୍' କୋଷ୍ଟାଲ ସାଇକ୍ଲୋଥନ–୨୦୨୬କୁ ଆଜି ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି। ଚଳିତ ବର୍ଷ ସାଇକ୍ଲୋଥନ୍‌ର ବିଷୟବସ୍ତୁ ରହିଛି 'ସୁରକ୍ଷିତ ତଟ, ସମୃଦ୍ଧ ଭାରତ' ଏବଂ ଏହା ବନ୍ଦେ ମାତରମ୍'ର ଦେଶାତ୍ମବୋଧକ ମୂଲ୍ୟବୋଧ ବହନ କରେ। ସାଇକ୍ଲୋଥନ ଉପକୂଳ ସୁରକ୍ଷା ସଚେତନତା, ଜାତୀୟ ଏକତା ଏବଂ ଗୋଷ୍ଠୀ ଅଂଶଗ୍ରହଣକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ପାଞ୍ଚ ଦଶନ୍ଧୀରୁ ଊର୍ଦ୍ଧ୍ୱ ସମୟ ଧରି ସି.ଆଇ.ଏସ୍.ଏଫ୍.କୁ

ଉପକୂଳରେ ଥିବା ୧୨ଟି ପ୍ରମୁଖ ବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ୨୫ ଦିନିଆ ଏହି ସାଇକ୍ଲୋଥନ୍‌ରେ ୬ ହଜାର ୫୫୩ କିଲୋମିଟର ସାଇକ୍ଲିଂ ଅଭିଯାନ ଭାରତର ମୁଖ୍ୟ ଉପକୂଳକୁ ନେଇ ଆରମ୍ଭ ହୋଇଛି।

Desk

## ଓଜେଇଇ ପଞ୍ଜୀକରଣ

ରାଜ୍ୟରେ ଆଜିଠାରୁ ଓଡ଼ିଶା ଯୁଗ୍ମ ପ୍ରବେଶିକ ପରୀକ୍ଷା– ଓଜେଇଇ ପାଇଁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ’ ମାସ ୪ରୁ ତାରିଖରେ ଆପାତତଃ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଓ.ଜେ.ଇ.ଇ. ୱେବସାଇଟ୍ **ojee.nic.in** ରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ।

Nayagarh

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ସୃଜନଶୀଳତା ଓଡ଼ିଆ କାବ୍ୟ ଜଗତକୁ ସମୃଦ୍ଧ କରିଛି ବୋଲି ବାଚସ୍ପତି ସୁରମା ପାଢ଼ି କହିଛନ୍ତି। ନୟାଗଡ଼ ଜିଲ୍ଲା ଶରଣକୂଳଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ଓଡ଼ିଆ ସାହିତ୍ୟର ଏହି ଅନନ୍ୟ ସ୍ରଷ୍ଟାଙ୍କର ଯୁଗଳ ରସାମୃତ ଲହରି, ଯୁଗଳ ରସାମୃତ ଭଉଁରୀ, ଲଳିତ ଲୋଚନ, ପ୍ରେମ କଳ୍ପଲତା ଆଦି ଓଡ଼ିଆ ସାହିତ୍ୟର ଅନନ୍ୟ ସୃଷ୍ଟି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ରାଜଭାଷା ପରିଷଦ ଅଧ୍ୟକ୍ଷ ଡକ୍ଟର ନାରାୟଣ

ମୁଦୁଲି, ସାହିତ୍ୟିକ ଡକ୍ଟର ସଂଗ୍ରାମୀ କେଶରୀ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

PIB

## କୃଷି ବୁଝାମଣାପତ୍ର

କୃଷି ଗବେଷଣା ଓ ବିସ୍ତାର, ଗୁଣାତ୍ମକ ଶିକ୍ଷା ଏବଂ ବୈଜ୍ଞାନିକ ସହଯୋଗ ଅଭିବୃଦ୍ଧି ପାଇଁ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କୃଷି ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରାପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ। ବୁଝାମଣାପତ୍ର ଦ୍ୱାରା ଛାତ୍ରଛାତ୍ରୀ, ବୈଜ୍ଞାନିକ ଓ ଅଧ୍ୟାପକମାନଙ୍କ ଆଦାନ ପ୍ରଦାନ ସହିତ କାର୍ଯ୍ୟପଦ୍ଧତି, ପ୍ରଯୁକ୍ତି, ବୈଜ୍ଞାନିକ ଲେଖା ଓ ସୂଚନାର ସାମୂହିକ ବ୍ୟବହାର ସମ୍ଭବ ହୋଇପାରିବ। ଏହାଦ୍ୱାରା ଦୀର୍ଘକାଳୀନ ଭାବେ କୃଷକମାନଙ୍କ ଆର୍ଥିକ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ବୁଝାମଣା ଅନୁଯାୟୀ, ଉପଲବ୍ଧତା ଆଧାରରେ ପ୍ରୟୋଗଶାଳା ସୁବିଧାର ସାମୂହିକ ବ୍ୟବହାର, ସଂଯୁକ୍ତ ଗବେଷଣା, ବିସ୍ତାର ଓ ଆଉଟରିଚ୍ କାର୍ଯ୍ୟକଳାପ ଆରମ୍ଭ କରାଯିବ। ଆଞ୍ଚଳିକ ଓ ଜାତୀୟ କୃଷି ସମସ୍ୟା ସମାଧାନ ପାଇଁ ସଂଯୁକ୍ତ ଗବେଷଣା ପ୍ରକଳ୍ପ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ବିସ୍ତାର ପଦକ୍ଷେପ ଏହି ସହଯୋଗର ମୁଖ୍ୟ ଅଂଶ ହେବ ବୋଲି ଜଣାପଡ଼ିଛି।

Desk

## ଉନ୍ନୟନ କମିଟି ବୈଠକ

ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ ଦାନଗଦି ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବୈଠକରେ ଯୋଗଦେଇ ଗ୍ରୀଷ୍ମ ଦିନରେ ଜଳସଂକଟର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଯୁବକମାନଙ୍କ ଲାଗି ରୋଜଗାର ସୃଷ୍ଟି କରିବା ଲାଗି ଡି.ଏମ୍.ଏଫ୍. ପାଣ୍ଠି ବ୍ୟବହାର କରିବାକୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ। ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଅଧୀନରେ ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ଏଲ୍.ଆଇ. ଓ ଏମ୍.ଆଇ. ପଏଣ୍ଟଗୁଡ଼ିକର କାର୍ଯ୍ୟକ୍ଷମତା ସମେତ ଜଳସେଚନ ସମ୍ଭାବନା ବୃଦ୍ଧି ପାଇଁ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରାଯାଇଥିଲା।

BHK

## ଭାରତ ପାଇଁ ପଦୁଟିଏ ସମାରୋହ

ଭଦ୍ରକ ଜିଲ୍ଲା ସହିଦ୍ ସ୍ମୃତି ଭବନଠାରେ ‘ଭାରତ ପାଇଁ ପଦୁଟିଏ’ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତି ଗବେଷକ ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶର ସୁରକ୍ଷା, ରାଷ୍ଟ୍ରର ଅଖଣ୍ଡତା, ଜାତୀୟ ସଂହତି ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ।

Jajpur

## କୁଷ୍ଠ ରୋଗ ନିରାକରଣ

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୁଷ୍ଠ ନିରାକରଣ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ତଥା ଗ୍ରାମାଞ୍ଚଳରେ ଜନସଚେତନତା ଦ୍ୱାରା କୁଷ୍ଠ ରୋଗର ମୂଳୋତ୍ପାଟନ ହୋଇପାରିବ ବୋଲି ଆୟୋଜିତ ବୈଠକରେ ମତପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେଇ କୁଷ୍ଠରୋଗୀଙ୍କୁ ଘୃଣା ନ କରି ସମାଜର ମୁଖସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

Kendrapara

## ଶିଳ୍ପ ପ୍ରତିଷ୍ଠା

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ କଳାଗଡ଼ଠାରେ ଶିଳ୍ପ ପ୍ରତିଷ୍ଠାକୁ ନେଇ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଏଥିରେ ଯୋଗଦେଇ କଳାଗଡ଼ ଗ୍ରାମର ପ୍ରାୟ ୫୪୩ ଏକରରୁ ଊର୍ଦ୍ଧ୍ୱ ବେସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ କରାଯିବ। ପ୍ରଭାବିତ ଜନସାଧାରଣ ଶିଳ୍ପ ପ୍ରତିଷ୍ଠାକୁ ସ୍ୱାଗତ କରିଛନ୍ତି।

Desk

## ବନକଲାଗି

ମାଘ ଶୁକ୍ଳ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ

ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କର ଏହି ନୀତି ଲାଗି ହେଉଛି। ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀଜୀଉମାନଙ୍କର ଦର୍ଶନ ବନ୍ଦ ରଖାଯାଇଥିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

Boudh

## ତିଲେଶ୍ୱର ଫୁଟବଲ

ବୌଦ୍ଧ ଜିଲ୍ଲା ତିଲେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ବିହାର ବକ୍ସର’ ଭଞ୍ଜନଗର ସି.ବି.ଏକାଡେମୀକୁ ହରାଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ଦଳ ଗୋଲ ନ ଦେଇପାରିବାରୁ ଟ୍ରାଇବେକରର ସହାୟତା ନିଆଯାଇଥିଲା। ଏଥିରେ ବିହାର ବକ୍ସର ଦଳ ୪-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ଆସନ୍ତାକାଲି ବରଗଡ଼ ୟୁନାଇଟେଡ୍ ଓ ବିହାର ବକ୍ସର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।